ସକାଳ
THE SAKALA
Sambalpur - 02 Nov 2026 - Page 4

ଭିସ୍ୱଟ୍‌ରେ 'ଇଭି ସକ୍ଷମ' କର୍ମଶାଳାର ଶୁଭାରମ୍ଭ



ସମ୍ବଲପୁର, ୧୧୧ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସ୍ୱଟ୍)ର ଛାତ୍ର ଅଟୋମୋବାଇଲ୍ କ୍ଲବ୍ 'ଟିମ୍ ଭିର୍‌ସ୍ ରେସିଂ' ନିଜର ବୈଷୟିକ ଉଦ୍ଭାବନ ଓ ବ୍ୟବହାରିକ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି। 'କ୍ୟାପାବଲ୍ ଇଣ୍ଡିଆ' ସହ ମିଳିତ ସହଯୋଗରେ ଟିମ୍ ପକ୍ଷରୁ ଗତ ୩୦ରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ୧୦ଦିନିଆ ବୈଦ୍ୟୁତିକ ଯାନ ନିର୍ମାଣ କର୍ମଶାଳା 'ଇଭି ସକ୍ଷମ'ର ଆୟୋଜନ କରାଯାଉଛି। ଏହି ପଦକ୍ଷେପ ବୈଦ୍ୟୁତିକ ଯାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟକ୍ଷ ଓ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ ଶିଳ୍ପକ୍ଷେତ୍ରରେ ବ୍ୟବହାରିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ଛାତ୍ର କଲ୍ୟାଣ ଡିନ୍ ଏବଂ ଟିମ୍ ଭିର୍‌ସ୍ ରେସିଂର ଅଧ୍ୟାପକ ପରାମର୍ଶଦାତାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ୧୦ଦିନିଆ କର୍ମଶାଳାରେ ଛାତ୍ରଛାତ୍ରୀମାନେ ଆଧୁନିକ ଏଟିଭି ଶୈଳୀର ବୈଦ୍ୟୁତିକ ରେସିଂ ଯାନ ଆରମ୍ଭରୁ ନିର୍ମାଣ କରିବାର ସୁଯୋଗ ପାଇବେ। ଏହି ଅବଧି ମଧ୍ୟରେ ମୋଟ୍ ୬ଟି ବୈଦ୍ୟୁତିକ ଯାନ ନିର୍ମାଣ କରିବାର ଲକ୍ଷ୍ୟ ରହିଛି। ପ୍ରଥମ ଦିନରେ ଯାନ ନିର୍ମାଣ ପ୍ରକ୍ରିୟା, ଯନ୍ତ୍ରପାତିର ବ୍ୟବହାର ଏବଂ କାର୍ଯ୍ୟଶାଳାରେ ଅନୁସରଣୀୟ ସୁରକ୍ଷା ନିୟମ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଯାଇଥିଲା। 'ଇଭି ସକ୍ଷମ' କେବଳ ଏକ ବୈଷୟିକ କର୍ମଶାଳା ନୁହେଁ, ବରଂ ଶ୍ରେଣୀଗୃହର ତାତ୍ତ୍ୱିକ ଜ୍ଞାନକୁ ବାସ୍ତବକ୍ଷେତ୍ରରେ ପ୍ରୟୋଗ କରିବାର ଏକ ଉତ୍କୃଷ୍ଟ ମଞ୍ଚ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, ସୃଜନଶୀଳତା, ସମସ୍ୟା ସମାଧାନ କ୍ଷମତା ଓ ସାମୂହିକ କାର୍ଯ୍ୟଦକ୍ଷତା ବିକାଶରେ ସହାୟକ ହେବ।